ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/HT&H (OD)/1370/01-03-2021

# ଆଜି ସରିବ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ

ଭୁବନେଶ୍ୱର, ତା.୦୧/୦୩/୨୦୨୧

ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ସ୍ଥାନୀୟ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେଉଛି ।

ପ୍ରତିଦିନ ସନ୍ଧ୍ୟାରେ ଦର୍ଶକମାନଙ୍କର ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ମେଳାର ଷଷ୍ଠ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ ପ୍ରଚ୍ଛଦପଟ ଗାୟକ ଶ୍ରୀ ତାନ୍‌ସେନ୍ ସିଂଙ୍କୁ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପୁଷ୍ପଗୁଛ ଓ ଉତ୍ତରୀୟ ପ୍ରଦାନପୂର୍ବକ ସମ୍ମାନିତ କରିଥିଲେ । ତାଙ୍କ ବ୍ୟତୀତ ଓଡ଼ିଶାର ଅନ୍ୟତମ ସଂଗୀତ ନିର୍ଦ୍ଦେଶକ ତଥା ପ୍ରଚ୍ଛଦପଟ ଗାୟକ ଶ୍ରୀ ପ୍ରଶାନ୍ତ ପାଢ଼ୀ ଓ ସାଥୀ କଳାକାରମାନେ ସଂଗୀତ ପରିବେଷଣ କରିଥିଲେ ।

ସପ୍ତମ ଦିବସ ସନ୍ଧ୍ୟାରେ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ଓ ଲୋକନୃତ୍ୟ ପରିବେଷିତ ହୋଇଥିଲା । ଏହି ମେଳାରେ ନଡ଼ିଆକତା ଶିଳ୍ପ ଓ ବେତ ବାଉଁଶ ହସ୍ତଶିଳ୍ପ କାମ ଦର୍ଶକମାନଙ୍କ ଦ୍ୱାରା ବେଶ୍ ଆଦୃତି ଲାଭ କରୁଛି । ଏହି ସାମଗ୍ରୀଗୁଡ଼ିକର ବିକ୍ରିବଟା ବେଶ୍ ଅଧିକ ହେଉଛି । ନଡ଼ିଆ କତା ଶିଳ୍ପୀ ଶ୍ରୀମତୀ ମମତା ରଥ ଏବଂ କବିତା ସାହୁଙ୍କର ଷ୍ଟଲ୍‌ରେ ପ୍ରଦର୍ଶିତ ହୋଇଥିବା ସାମଗ୍ରୀଗୁଡ଼ିକର ବହୁତ ବିକ୍ରିବଟା ହେଉଛି । ଆଉ ମଧ ସୁଦୂର କୋରାପୁଟ ତଥା କଳାହାଣ୍ଡି ଜିଲ୍ଲାରୁ ଆସିଥିବା ଶିଳ୍ପୀ ଶ୍ରୀମତୀ ରାଜେଶ୍ୱରୀ ଷଡ଼ଙ୍ଗୀ, ଶ୍ରୀ ଗୁଣନିଧି ଗହୀରଙ୍କର ବେତ ଓ ବାଉଁଶ ଶିଳ୍ପର ଚାହିଦା ରହିଛି । ଏହି ଷ୍ଟଲଗୁଡ଼ିକରେ ଦର୍ଶକମାନଙ୍କର ଭୀଡ଼ ଜମୁଛି । ଲାଖର ରଙ୍ଗବେରଙ୍ଗ ଚୂଡ଼ି ଓ ଅନ୍ୟାନ୍ୟ ଜିନିଷ, ତାଳପତ୍ର ଖୋଦେଇ ବିଭିନ୍ନ ସାମଗ୍ରୀ, ତାରକସୀ ଶିଳ୍ପର ଅଳଙ୍କାର, ଏମ୍ବ୍ରଡରି ଜିନିଷପତ୍ର, ପଟ୍ଟଚିତ୍ର ଶାଢ଼ୀ ଆଦି ଦର୍ଶକମାନଙ୍କୁ ମଧ ଆକୃଷ୍ଟ କରୁଛି ।

ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଚାଲିବ । ଏହି ପ୍ରଦର୍ଶନୀରେ ସରକାରଙ୍କ କୋଭିଡ୍ ମାର୍ଗଦର୍ଶିକାକୁ ସଂପୂର୍ଣ୍ଣ ଭାବେ ଅନୁପାଳନ କରାଯାଉଛି ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ